# ଏଆରଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ପ୍ରୋଜେକ୍ଟସ୍ ଲିମିଟେଡ୍

ପଞ୍ଜିକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୩୮, ସେକ୍ଟର-ଏ, ଜୋନ୍-ଡି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦, ଓଡ଼ିଶା, ଭାରତ, CIN: L14103OR2000PLC006230, ଫୋନ୍ ନଂ.: +୯୧-୦୬୭୪-୨୫୮୮୫୫୨, ୨୫୮୮୫୫୪, ଫ୍ୟାକ୍ସ: +୯୧-୦୬୭୪-୨୫୮୫୦୭୪, ଇ-ମେଲ: cs@arssgroup.in, ୱେବ୍‌ସାଇଟ୍: www.arssgroup.in

## ୧୮ ତମ ବାର୍ଷିକ ସାଧାରଣ ବୈଠକର ବିଜ୍ଞପ୍ତି (ଆର୍ଥିକ ବର୍ଷ-୨୦୧୭-୧୮ ନିମନ୍ତେ)

ଏହି ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ପ୍ରୋଜେକ୍ଟସ୍ ଲିମିଟେଡ୍ ର ୧୮ ତମ ବାର୍ଷିକ ସାଧାରଣ ବୈଠକ ଏହାର ପଞ୍ଜିକୃତ କାର୍ଯ୍ୟାଳୟ: ପ୍ଲଟ ନଂ.: ୩୮, ସେକ୍ଟର: ଏ, ଜୋନ୍: ଡି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୭୫୧୦୧୦, ଓଡ଼ିଶା ଠାରେ ୨୭ ସେପ୍ଟେମ୍ବର ୨୦୧୮ ଗୁରୁବାର ଦିନ ପୂର୍ବାହ୍ନ ୧୧ ଘଟିକାରେ ଅନୁଷ୍ଠିତ ହେବ ।

ବୈଠକରେ ହେବାକୁ ଥିବା ବ୍ୟବସାୟିକ କାରବାର ବିଷୟବସ୍ତୁ ସହିତ ୩୧ ମାର୍ଚ୍ଚ, ୨୦୧୮ ସୁଦ୍ଧା ଶେଷ ହୋଇଥିବା କମ୍ପାନୀର ବାର୍ଷିକ ସମୀକ୍ଷିତ ଆର୍ଥିକ ବିବରଣୀ ଏବଂ ତାହା ଉପରେ ଅଡିଟର ଏବଂ ବୋର୍ଡ ଅଫ୍ ଡାଇରେକ୍ଟରର୍ସଙ୍କ ରିପୋର୍ଟକୁ କମ୍ପାନୀ ଡିପୋଜିଟୋରୀ ପାର୍ଟିସିପାଣ୍ଟରେ ପଞ୍ଜିକୃତ ସମସ୍ତ ସଦସ୍ୟଙ୍କୁ ସେମାନଙ୍କର ଇ-ମେଲ ଆଇଡି ମାଧ୍ୟମରେ ଇଲେକ୍‌ଟ୍ରୋନିକ୍ ପ୍ରକ୍ରିୟାରେ ତା.୦୧.୦୯.୨୦୧୮ରିଖରେ ପଠାଯାଇଛି ଏବଂ ସେଗୁଡ଼ିକୁ ବ୍ୟକ୍ତିଗତ ଭାବେ ସମସ୍ତ ସଦସ୍ୟଙ୍କ ପାଖକୁ ସେମାନଙ୍କର କମ୍ପାନୀ ପଞ୍ଜିକୃତ ଠିକଣାରେ ଅନୁମୋଦିତ ମାଧ୍ୟମରେ ତା.୦୧.୦୯.୨୦୧୮ରିଖରେ ମଧ୍ୟ ପ୍ରେରଣ କରାଯାଇଛି ।

### ଇଲେକ୍‌ଟ୍ରୋନିକ୍ ପଦ୍ଧତି ମାଧ୍ୟମରେ ଭୋଟିଂ

କମ୍ପାନୀଜ୍ ଆକ୍ଟ ୨୦୧୩ ଧାରା ୧୦୮ ଓ ତଦନୁଯାୟୀ ଧାର୍ଯ୍ୟ ହୋଇଥିବା ନିୟମାବଳୀ ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) (ଲିଷ୍ଟିଙ୍ଗ୍ ବାଧ୍ୟତା ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ ୨୦୧୫ ଅନୁଯାୟୀ, କମ୍ପାନୀର ଉପରୋକ୍ତ ୧୮ତମ ବାର୍ଷିକ ସାଧାରଣ ବୈଠକରେ କମ୍ପାନୀର ସମସ୍ତ ବ୍ୟବସାୟିକ କାରବାର ଉପରେ ଏନ୍‌ଏସ୍‌ଡିଏଲ ଦ୍ୱାରା ଯୋଗାଇ ଦିଆଯାଇଥିବା ଇ-ଭୋଟିଂ ସେବା ମାଧ୍ୟମରେ ଇଲେକଟ୍ରୋନିକ୍ ପ୍ରକ୍ରିୟାରେ ସଦସ୍ୟମାନେ ସେମାନଙ୍କର ଭୋଟ ପ୍ରଦାନ କରିପାରିବେ। ତା.୨୦.୦୯.୨୦୧୮, ଗୁରୁବାର ଦିନ ବ୍ୟବସାୟିକ ସମୟ ବନ୍ଦ ସୁଦ୍ଧା ଯେଉଁ ସଦସ୍ୟମାନେ ଅଂଶଧନ (ସେୟାର) ଧାରଣ କରିଥିବେ, ସେମାନେ ୧୮ତମ ବାର୍ଷିକ ସାଧାରଣ ବୈଠକର ନୋଟିସ୍‌ରେ ସ୍ଥିରୀକୃତ ସାଧାରଣ ଏବଂ ସ୍ୱତନ୍ତ୍ର ବ୍ୟବସାୟ ଉପରେ ବୈଠକ ସ୍ଥଳୀ ବ୍ୟତୀତ ଅନ୍ୟ ସ୍ଥାନରେ ଏନ୍‌ଏସ୍‌ଡିଏଲ୍ ଦ୍ୱାରା ପ୍ରଦତ୍ତ ଇଲେକ୍‌ଟ୍ରୋନିକ୍ ଭୋଟିଂ ବ୍ୟବସ୍ଥାରେ ସେମାନଙ୍କର ଭୋଟ ପ୍ରଦାନ କରିପାରିବେ। ସମସ୍ତ ସଦସ୍ୟଙ୍କୁ ଜଣାଇ ଦିଆଯାଉଛି କି:-

କ) ୧୮ତମ ବାର୍ଷିକ ସାଧାରଣ ବୈଠକର ବିଜ୍ଞପ୍ତିରେ ଆରମ୍ଭ ହେବାକୁ ଥିବା ବ୍ୟବସାୟିକ କାରବାର ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥା ମାଧ୍ୟମରେ ଭୋଟିଂ ଦ୍ୱାରା କରାଯିବ।

ଖ) ରିମୋଟ୍ ଇ-ଭୋଟିଂ ସମୟ ରବିବାର, ୨୩ ସେପ୍ଟେମ୍ବର, ୨୦୧୮ (ସକାଳ ୯ ଘଟିକା) ରୁ ଆରମ୍ଭ ହୋଇ ବୁଧବାର, ୨୬ ସେପ୍ଟେମ୍ବର ୨୦୧୮ (ଅପରାହ୍ନ ୫ ଘଟିକା) ରେ ଶେଷ ହେବ ।

ଗ) ବାର୍ଷିକ ସାଧାରଣ ବୈଠକରେ କିମ୍ବା ଇଲେକ୍ଟ୍ରୋନିକ୍ ପ୍ରକ୍ରିୟାରେ ଭୋଟ ଦେବାପାଇଁ ଯୋଗ୍ୟତା ନିର୍ଦ୍ଧାରଣ ପାଇଁ ଶେଷ ତାରିଖ ହେଉଛି ଗୁରୁବାର, ୨୦ ସେପ୍ଟେମ୍ବର ୨୦୧୮ ।

ଘ) ୨୬ ସେପ୍ଟେମ୍ବର ୨୦୧୮ ଅପରାହ୍ନ ୫ ଘଟିକା ପରେ ଇ-ଭୋଟିଂକୁ ଅନୁମତି ଦିଆଯିବ ନାହିଁ ।

ଙ) କମ୍ପାନୀରେ ଅଂଶଧନ ହାସଲ କରିଥିବା ଯେ କୌଣସି ବ୍ୟକ୍ତି, ବାର୍ଷିକ ସାଧାରଣ ବୈଠକର ବିଜ୍ଞପ୍ତି ପ୍ରେରଣ ପରେ ସଦସ୍ୟ ହୋଇଥିଲେ ଏବଂ ଶେଷ ତାରିଖ ଅର୍ଥାତ୍ ଗୁରୁବାର ୨୦ ସେପ୍ଟେମ୍ବର, ୨୦୧୮ ସୁଦ୍ଧା ଅଂଶଧନ (ସେୟାରସ୍)ଧାରଣ କରିଥିଲେ **evoting@nsdl.co.in or Issuer/RTA** କୁ ଅନୁରୋଧ କରି ଲଗ୍‌ଇନ୍ ଆଇଡି ଏବଂ ପାସ୍‌ୱାର୍ଡ୍ ସଂଗ୍ରହ କରିପାରିବେ । ତେବେ ଯାହାହେଉ ଯଦି କୌଣସି ବ୍ୟକ୍ତି ନ୍ୟାସ୍‌ନାଲ୍ ସିକ୍ୟୁରିଟିଜ୍ ଡିପୋଜିଟାରୀ ଲିମିଟେଡ୍ ରେ ପୂର୍ବରୁ ଇ-ଭୋଟିଂ ପାଇଁ ପଞ୍ଜିକୃତ ହୋଇଥାନ୍ତି ତେବେ ତାଙ୍କର ପୂର୍ବୋକ୍ତ User ID ଏବଂ Password ଭୋଟ ପ୍ରଦାନ ପାଇଁ ବ୍ୟବହାର କରାଯାଇପାରିବ ।

ଚ) **ସଦସ୍ୟମାନେ ମଧ୍ୟ ଧ୍ୟାନ ଦେବେ:**

୧) ରିମୋଟ୍ ଇ-ଭୋଟିଂ ମଡ୍ୟୁଲ ୨୬ ସେପ୍ଟେମ୍ବର, ୨୦୧୮ ସନ୍ଧ୍ୟା ୫.୦୦ଘଟିକା ପରେ ଏନ୍‌ଏସ୍‌ଡିଏଲ୍ ଦ୍ୱାରା ଅକ୍ଷମ ହୋଇଯିବ । ଥରେ ସଦସ୍ୟଙ୍କ ଦ୍ୱାରା ପ୍ରସ୍ତାବ ଉପରେ ଭୋଟ ଦିଆଗଲାପରେ ପରବର୍ତ୍ତୀ ସମୟରେ ସେ ଏହାକୁ ବଦଳାଇପାରିବେ ନାହିଁ ।

୨) ଯେଉଁ ସଦସ୍ୟମାନେ ବୈଠକରେ ସେମାନଙ୍କର ଅଧିକାର ସାବ୍ୟସ୍ତ ପାଇଁ ରିମୋଟ୍ ଇ-ଭୋଟିଂ ମାଧ୍ୟମରେ ଭୋଟଦାନ କରିନାହାନ୍ତି ସେମାନଙ୍କ ନିମନ୍ତେ ବାର୍ଷିକ ସାଧାରଣ ବୈଠକ ସ୍ଥଳିରେ ବାଲାଟ୍ ପେପର ମାଧ୍ୟମରେ ଭୋଟ ଦେବାର ବ୍ୟବସ୍ଥା ରହିଛି ।

୩) ଯେଉଁ ସଦସ୍ୟମାନେ ରିମୋଟ ଇ-ଭୋଟିଂ କରିଆରେ ବାର୍ଷିକ ସାଧାରଣ ବୈଠକ ପୂର୍ବରୁ ଭୋଟଦାନ କରିସାରିଛନ୍ତି ସେମାନେ ବାର୍ଷିକ ସାଧାରଣ ବୈଠକରେ ଯୋଗ ଦେଇପାରିବେ କିନ୍ତୁ ପୁନଶ୍ଚ ଭୋଟ ଦେଇପାରିବେ ନାହିଁ ।

୪) ଯେଉଁ ବ୍ୟକ୍ତିଙ୍କ ନାମ ସଦସ୍ୟ ରେଜିଷ୍ଟରରେ କିମ୍ବା ଡିପୋଜିଟାରୀଙ୍କ ଦ୍ୱାରା ପରିଚାଳିତ ଲାଭାଂଶ ମାଲିକାନା ରେଜିଷ୍ଟରରେ ୨୦ ତାରିଖ ସେପ୍ଟେମ୍ବର ଗୁରୁବାର ୨୦୧୮ ସୁଦ୍ଧା ରେକର୍ଡଭୁକ୍ତ, ସେମାନେ ରିମୋଟ୍ ଇ-ଭୋଟିଂ ସୁବିଧା ନିମନ୍ତେ କିମ୍ବା ବାର୍ଷିକ ସାଧାରଣ ବୈଠକ ସ୍ଥଳୀରେ ବାଲାଟ୍ ପେପର ମାଧ୍ୟମରେ ଭୋଟ୍ ଦେବା ପାଇଁ ହକଦାର ଅଟନ୍ତି ।

ଛ) ୧୮ତମ ବାର୍ଷିକ ସାଧାରଣ ବୈଠକର ନୋଟିସ ଏନ୍‌ଏସ୍‌ଡିଏଲ୍‌ଙ୍କ ୱେବସାଇଟ୍‌ରେ https://www.evoting.nsdl.com ଏବଂ କମ୍ପାନୀର ୱେବ୍‌ସାଇଟ୍ www.arssgroup.in ରେ ଶନିବାର, ୧ ସେପ୍ଟେମ୍ବର, ୨୦୧୮ ଠାରୁ ଉପଲବ୍ଧ ହେବ ଏବଂ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟରେ ଶନିବାର ଏବଂ ରବିବାର ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ କାର୍ଯ୍ୟାଳୟ ସମୟରେ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଦେଖିବା ନିମନ୍ତେ ଉପଲବ୍ଧ ହେବ ।

ଜ) ଇ-ଭୋଟିଂର ଉଦ୍ଦେଶ୍ୟ ଏବଂ ପ୍ରକ୍ରିୟା ସମ୍ବନ୍ଧରେ ସଦସ୍ୟମାନେ ବାର୍ଷିକ ସାଧାରଣ ବୈଠକର ନୋଟିସ୍‌ରେ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରନ୍ତୁ ଏବଂ ଯଦି ସେମାନଙ୍କର କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ ଥାଏ ତେବେ ସେମାନେ ଏନ୍‌ଏସଡିଏଲକୁ ଯୋଗାଯୋଗ କରି ସେମାନଙ୍କର ଅନୁସନ୍ଧାନ / ଅଭିଯୋଗକୁ ଏସ୍‌ଏସ୍‌ଡିଏଲର ହେଲ୍ପଡେସ୍କକୁ ୧୮୦୦-୨୨୨-୯୯୦ (ଦେୟ ମୁକ୍ତ)ରେ ଯୋଗାଯୋଗ କରନ୍ତୁ କିମ୍ବା evoting@nsdl.co.in କୁ ଇମେଲ କରନ୍ତୁ।

**M/s. Sunita Mohanty & Associates,** ନାମକ କମ୍ପାନୀ ସେକ୍ରେଟାରୀଜ୍ ଫାର୍ମ, ଭୁବନେଶ୍ୱରକୁ କମ୍ପାନୀ ପକ୍ଷରୁ ୧୮ତମ ବାର୍ଷିକ ସାଧାରଣ ବୈଠକରେ ପ୍ରଦତ୍ତ ଭୋଟଗୁଡ଼ିକୁ ସ୍କ୍ରୁଟିନ୍ କରିବା ପାଇଁ ସ୍କ୍ରୁଟିନାଇଜର କାର୍ଯ୍ୟ ନିମନ୍ତେ ନିଯୁକ୍ତ କରାଯାଇଛି।

### ବୁକ୍ କ୍ଲୋଜର୍

ଏତଦ୍‌ଦ୍ୱାରା ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, କମ୍ପାନୀଜ୍ ଆକ୍ଟ ୨୦୧୩ର ଧାରା ୯୧ ସହିତ ତଦନୁସାରେ ପ୍ରଣୀତ ନିୟମାନୁସାରେ ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) (ଲିଷ୍ଟିଙ୍ଗ୍ ଓବ୍ଲିଗେସନ ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ ୨୦୧୫ର ନିୟାମକ ୪୨ ଅନୁସାରେ କମ୍ପାନୀ ସଦସ୍ୟମାନଙ୍କର ୧୮ତମ ବାର୍ଷିକ ସାଧାରଣ ବୈଠକ ଉଦ୍ଦେଶ୍ୟରେ ମଙ୍ଗଳବାର, ୧୧ ସେପ୍ଟେମ୍ବର, ୨୦୧୮ ଠାରୁ ଶୁକ୍ରବାର, ୧୪ ସେପ୍ଟେମ୍ବର, ୨୦୧୮ ପର୍ଯ୍ୟନ୍ତ (ଉଭୟ ଦିନ ଅନ୍ତର୍ଭୁକ୍ତ କରି) କମ୍ପାନୀର ସଦସ୍ୟମାନଙ୍କ ରେଜିଷ୍ଟର ଏବଂ ସେୟାର ଟ୍ରାନ୍ସଫର ବୁକ୍ ବନ୍ଦ ରହିବ।

ବୋର୍ଡର ନିର୍ଦ୍ଦେଶକ୍ରମେ
ଏଆରଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟସ ଲିଃ. ପାଇଁ
ସ୍ୱା/-
ଅଲ୍‌କା ଖେମ୍‌କା
(କମ୍ପାନୀ ସେକ୍ରେଟାରୀ)

ସ୍ଥାନ: ଭୁବନେଶ୍ୱର
ତା.୦୩.୦୯.୨୦୧୮

Scanned by CamScanner